RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -22 | ସଂଖ୍ୟା-୨୨
ଭୁବନେଶ୍ୱର, ଶନିବାର ୨୮ ମାର୍ଚ୍ଚ ୨୦୨୬
Bhubaneswar, Saturday 28 March, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଏକ୍ସାଇଜ୍ ଶୁଳ୍କ ହ୍ରାସ

ଭୁବନେଶ୍ୱର, ୨୭।୩(ନି.ପ୍ର.): ବିଶ୍ୱ ବଜାରରେ ଏବେ ଇନ୍ଧନ ଦର ବୃଦ୍ଧି ଆଶଙ୍କା ଥିବା ବେଳେ ଭାରତ ସରକାରଙ୍କ ବଡ଼ ନିଷ୍ପତ୍ତି ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ୍ ଶୁଳ୍କ କମାଯାଇଛି। ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହା ଲୋକଙ୍କୁ ବଡ଼ ଆଶ୍ୱସ୍ତି ଦେବା ସହ ଜନକଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣ କରୁଛି। ଗୁଜବରେ ବିଶ୍ୱାସ ନକରି ଶାନ୍ତ ରହିବାକୁ ସେ ଆହ୍ୱାନ ଦେଇଛନ୍ତି।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

ବର୍ତ୍ତମାନ ଇସ୍ରାଇଲ, ଆମେରିକା ଓ ଇରାନ ମଧ୍ୟରେ ଚ଼ାଲିଥିବା ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଛି। ଏହି କାରଣରୁ ବିଶ୍ୱରେ ଇନ୍ଧନ ଦର ବଢ଼ିବା ଆଶଙ୍କା ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ପେଟ୍ରୋଲ ଓ ଡିଜେଲ ଉପରେ ପ୍ରତି ଲିଟର ୧୦ ଟଙ୍କା ଏକ୍ସାଇଜ୍ ଶୁଳ୍କ କମାଇଛନ୍ତି।ପେଟ୍ରୋଲ ଓ ଡିଜେଲ ଦର ଉପରେ ଏକ୍ସାଇଜ ଶୁଳ୍କ ପ୍ରତି ଲିଟର ପିଛା ୧୦ ଟଙ୍କା କମାଇଛନ୍ତି। ସରକାର ଶୁଳ୍କ କମାଇବାରୁ ଏହା ୧୩ ଟଙ୍କାରୁ ଖସି ୩ ଟଙ୍କା ହୋଇଛି। ସେହିପରି ଡିଜେଲ ଉପରେ ୧୦ ଟଙ୍କାରୁ କମି ଶୂନ ହୋଇଛି। ଗ୍ଲୋବାଲ ଇନ୍ଧନ ସଙ୍କଟ ଓ ଦର ବୃଦ୍ଧି ଆଶଙ୍କା ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି।

ଯୁଦ୍ଧ ପରେ ଇରାନ ଦ୍ୱାରା ହର୍ମୁଜ ସମୁଦ୍ର ସଙ୍କଟ ଅବରୋଧ କରାଯାଇଥିବାରୁ ପରିସ୍ଥିତି ଅଧିକ ଗଭୀର ହୋଇଛି । ହର୍ମୁଜ ବିଶ୍ୱର ଏକ ପ୍ରମୁଖ ଇନ୍ଧନ ପରିବହନ ମାର୍ଗ। ଯୁଦ୍ଧ ଆଗରୁ ପ୍ରାୟ ୨୦ ପ୍ରତିଶତ ଗ୍ଲୋବାଲ କ୍ରୁଡ ତୈଳ ଓ ଗ୍ୟାସ ଏହି ସଙ୍କଟ଼ ମାଧ୍ୟମରେ ଯାଉଥିଲା। ଭାରତ ପାଇଁ ଏହା ଅତ୍ୟନ୍ତ ଜରୁରୀ ମାର୍ଗ । ଭାରତ ଆମଦାନୀ କରୁଥିବା ତୈଳ ପ୍ରାୟ ଅଧା ଅଂଶ ଏହି ରାସ୍ତା ଦେଇ ଆସେ। ଏହା ସହ ପଶ୍ଚିମ ଏସିଆରୁ ବହୁ ପରିମାଣରେ ତରଳ ପ୍ରାକୃତିକ ଗ୍ୟାସ ଆମଦାନି କରେ । କତାର ଓ ଇରାନରୁ ଏହିମାର୍ଗ ଦ୍ୱାରା ବହୁ ପରିମାଣରେ ଏଲପିଜି ମଧ୍ୟ ଆମଦାନୀ କରାଯାଏ ।

ହର୍ମୁଜ ପରିବହନ ମାର୍ଗ ଉପରେ ଭାରତ ନିର୍ଭରଶୀଳ ଥିବାରୁ ଇରାନ ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡ଼ିଛି। ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ଆମଦାନୀ ତୈଳର ବଡ଼ ଅଂଶ ଏହି ମାର୍ଗ ଦ୍ୱାରା ଆସେ। ସେହିପରି କତାର ଓ ଇରାନରୁ ଏଲପିଜି ଓ ଗ୍ୟାସ ମଧ୍ୟ ଏହି ରାସ୍ତାରେ ଆସୁଛି। ତେବେ ସରକାର ଆଶ୍ୱାସନ ଦେଇଛନ୍ତି ଯେ, ଦେଶରେ ବର୍ତ୍ତମାନ ୬୦ ଦିନ ପାଇଁ ତୈଳ ଓ ୩୦ ଦିନ ପାଇଁ ଏଲପିଜି ମଜୁତ ରହିଛି। ତେଣୁ କୌଣସି ଅଭାବ ହେବ ନାହିଁ।

## ରାମଲଲ୍ଲାଙ୍କ ସୂର୍ଯ୍ୟତିଳକ

ନୂଆଦିଲ୍ଲୀ୨୭।୩(ନି.ପ୍ର.): ଆଜି ପବିତ୍ର ଶ୍ରୀରାମ ନବମୀ ଅବସରରେ ଭକ୍ତିମୟ ହୋଇଉଠିଛି ଅଯୋଧ୍ୟା। ଶ୍ରଦ୍ଧାଳୁମାନେ ସାରୟୁ ଘାଟରେ ପବିତ୍ର ବୁଡ଼ ପକାଉଛନ୍ତି। ମଧ୍ୟାହ୍ନ ୧୨ଟାରେ, ଭଗବାନ ସୂର୍ଯ୍ୟ ରାମଲଲ୍ଲାଙ୍କ କପାଳରେ ତିଳକ ଲଗାଇଥିଲେ। ଏହା ପ୍ରାୟ ଚ଼ାରି ମିନିଟ୍ ପର୍ଯ୍ୟନ୍ତ ଚ଼ାଲିଥିଲା। ବିଶେଷ କଥା ହେଉଛି ଯେ ତିଳକ ସେହି ମୁହୂର୍ତ୍ତରେ ହୋଇଥିଲା , ଯେଉଁ ମୁହୂର୍ତ୍ତରେ ଭଗବାନ ରାମଙ୍କ ଜନ୍ମ ବୋଲି ବିଶ୍ୱାସ କରାଯାଏ। ଚ଼ଳିତବର୍ଷ, ରାମ ନବମୀରେ ରବି ଯୋଗ ଏବଂ ସର୍ବାର୍ଥ ସିଦ୍ଧି ଯୋଗର ଏକ ବିଶେଷ ମିଶ୍ରଣ ମଧ୍ୟ ସୃଷ୍ଟି ହେଉଛି। ଏହା ଏହି ଘଟଣାର ଧାର୍ମିକ ଗୁରୁତ୍ୱକୁ ଆହୁରି ବୃଦ୍ଧି କରିଛି। ସୂର୍ଯ୍ୟ ତିଳକ ସହିତ ରାମ ଲଲ୍ଲାଙ୍କ ଅଭିଷେକ ଶୃଙ୍ଗାର ଏବଂ ଅନ୍ୟାନ୍ୟ ଧାର୍ମିକ ଉତ୍ସବଗୁଡ଼ିକର ମଧ୍ୟ ସିଧା ପ୍ରସାରଣ କରାଯାଇଥିଲା। ଭାରତ ଏବଂ ବିଦେଶରୁ ଭକ୍ତମାନେ ଏହି ଦିବ୍ୟ ମୁହୂର୍ତ୍ତକୁ ଦେଖିଥିଲେ।

## ଦେଶରେ ଲକଡାଉନ୍ ଗୁଜବକୁ ଖଣ୍ଡନ କଲା କେନ୍ଦ୍ର

ନୂଆଦିଲ୍ଲୀ, ୨୭।୩(ନି.ପ୍ର.): ଇରାନ-ଇସ୍ରାଏଲ୍ ଯୁଦ୍ଧ ଯୋଗୁଁ ଭାରତରେ ପୁଣି ଥରେ କୋଭିଡ୍ ଭଳି ଲକଡାଉନ୍ ଲାଗିବାକୁ ଯାଉଛି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚ଼ାରିତ ହେଉଛି । ଯାହାକୁ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର । ଦେଶରେ କୌଣସି ଲକଡାଉନ୍ ଲାଗିବ ନାହିଁ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି ଖୋଦ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ।

କେନ୍ଦ୍ର ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଲକଡାଉନ ଲାଗୁ କରିବା ଭଳି ପଦକ୍ଷେପ ଉପରେ କୌଣସି ପ୍ରକାର ବିଚ଼ାରବିମର୍ଶ କରାଯାଉନାହିଁ । ଏଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ଶାନ୍ତ ରହିବା ରହିବା ସହିତ ଦାୟିତ୍ୱସମ୍ପର୍ଣ୍ଣ ଏବଂ ଏକଜୁଟ ହୋଇ ରହିବାକୁ ପରାମର୍ଶ ଦେଇଛନ୍ତି ।

ହରଦୀପ ସିଂ ପୁରୀ ପୋଷ୍ଟ କରିଛନ୍ତି, ବିଶ୍ୱ ପରିସ୍ଥିତି ଅନିଶ୍ଚିତ ରହିଛି,ଏବଂ ଆମେ ଶକ୍ତି, ଯୋଗାଣ



ଶୃଙ୍ଖଳ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ଜଡିତ ବିକାଶ ଉପରେ ନିରନ୍ତର ନଜର ରଖୁଛୁ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ, ସରକାର ନିଶ୍ଚିତ କରୁଛନ୍ତି ଯେ ଦେଶ ମଧ୍ୟରେ ଇନ୍ଧନ, ଶକ୍ତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଯୋଗାଣ ବିନା କୌଣସି ବାଧାରେ ଜାରି ରହିବ। ଆମେ ଯେକୌଣସି ସମ୍ଭାବ୍ୟ ଚ୍ୟାଲେଞ୍ଜର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ।

ଭାରତ ଅତୀତରେ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଏହାର ସ୍ଥିରତା ପ୍ରଦର୍ଶନ କରିଛି ଏବଂ ଆମେ ଆଗକୁ ସମୟୋଚ଼ିତ, ସକ୍ରିୟ ଏବଂ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବୁ। ଲକଡାଉନ ସମ୍ପର୍କରେ ପ୍ରଚ଼ାରିତ ଗୁଜବ ସମ୍ପୂର୍ଣ୍ଣ ଭିତ୍ତିହୀନ। ମୁଁ ସ୍ପଷ୍ଟ କରିବାକୁ ଚ଼ାହୁଁଛି ଯେ ସରକାରୀ ସ୍ତରରେ ଏପରି କୌଣସି ପ୍ରସ୍ତାବ ବର୍ତ୍ତମାନ ବିଚ଼ାରାଧୀନ ନାହିଁ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଆମେ ସମସ୍ତେ ଶାନ୍ତ, ଦାୟିତ୍ୱବାନ ଏବଂ ଏକତାବଦ୍ଧ ରହିବା ଅତ୍ୟନ୍ତ ଜରୁରୀ। ଏପରି ପରିସ୍ଥିତିରେ, ଗୁଜବ ପ୍ରଚ଼ାର କରିବା ଏବଂ ଅନାବଶ୍ୟକ ଭୟର ବାତାବରଣ ସୃଷ୍ଟି କରିବା ଦାୟିତ୍ୱହୀନ ଏବଂ କ୍ଷତିକାରକ। ସେପଟେ ସଂସଦ ଭବନରେ ଗଣମାଧ୍ୟମ ସହିତ ଆଲୋଚ଼ନା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ସମାନ କଥାକୁ ଦୋହରାଇଛନ୍ତି ।

## ମଧ୍ୟପ୍ରାଚ଼୍ୟ ଯୁଦ୍ଧରେ ୭ ଭାରତୀୟ ନାଗରିକ ମୃତ୍ୟୁ

ନୂଆଦିଲ୍ଲୀ, ୨୭।୩(ନି.ପ୍ର.): ମଧ୍ୟପ୍ରାଚ଼୍ୟ ଯୁଦ୍ଧରେ ୭ ଭାରତୀୟ ନାଗରିକଙ୍କର ମୃତ୍ୟୁ ହୋଇଥିବା ନେଇ ବୈଦେଶିକ ମନ୍ତ୍ରାଳୟ ସ୍ପଷ୍ଟ କରିଛି । ତତସହିତ ଜଣେ ଭାରତୀୟ ନିଖୋଜ ଅଛନ୍ତି । ତେବେ ମୃତ ଭାରତୀୟଙ୍କ ପାର୍ଥିବ ଶରୀର ଫେରାଇ ଆଣିବାକୁ କର୍ତ୍ତୃପକ୍ଷ ସହ ଯୋଗାଯୋଗ କରାଯାଉଛି ବୋଲି ବୈଦେଶିକ ମନ୍ତ୍ରାଳୟ କହିଛି । ଅତିରିକ୍ତ ସଚ଼ିବ ଅସୀମ ମହାଜନ କହିଛନ୍ତି ଯେ, ଯୁଦ୍ଧ ଭଳି ପରିସ୍ଥିତି ମଧ୍ୟରେ, ପଶ୍ଚିମ ଏସିଆରେ ବିଭିନ୍ନ ଘଟଣାରେ ସାତ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ସଂଘର୍ଷ ଆରମ୍ଭ ହେବା ପରଠାରୁ, ଏପର୍ଯ୍ୟନ୍ତ ୪ ଲକ୍ଷ ୭୫ ହଜାର ଭାରତୀୟ ସୁରକ୍ଷିତ ଭାବରେ ଫେରି ଆସିଛନ୍ତି। ଗତକାଲି ଆବୁଧାବିରେ ଘଟିଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକ ପ୍ରାଣ



ହରାଇଛନ୍ତି । ସରକାର ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି । ଆବୁଧାବିରେ ଥିବା ଭାରତୀୟ ମିଶନ ପୀଡିତଙ୍କ ପରିବାର ସହିତ ଯୋଗାଯୋଗରେ ଅଛି ଏବଂ ଯଥାଶୀଘ୍ର ପାର୍ଥିବ ଶରୀରକୁ ସ୍ୱଦେଶ ଫେରାଇ ଆଣିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ସ୍ଥାପନ କରୁଛି।

ସଚ଼ିବ ଆହୁରି ସୂଚ଼ନା ଦେଇଛନ୍ତି ଯେ ଆଉ ଜଣେ ଭାରତୀୟ ନାଗରିକ ସାମାନ୍ୟ ଆହତ ହୋଇଛନ୍ତି ଏବଂ ଚ଼ିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ଡିସଚ଼ାର୍ଜ କରାଯାଇଛି। ମୋଟ ପୃଥକ ପୃଥକ ଘଟଣାରେ ସାତ ଜଣ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି, ଜଣେ ନିଖୋଜ ଅଛନ୍ତି। ଓମାନ, ଇରାକ ଏବଂ ୟୁଏଇରେ ଅବସ୍ଥିତ ଭାରତୀୟ ମିଶନ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ଏବଂ ମୃତକଙ୍କ ପାର୍ଥିବ ଶରୀରକୁ ସ୍ୱଦେଶ ଫେରାଇ ଆଣିବାରେ ସହାୟତା କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।

## ପୁଣି ଆରମ୍ଭ ହେଲା ଯୁଦ୍ଧ

### ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ, ଇସ୍ରାଏଲ୍‌କୁ ଟାର୍ଗେଟ୍ କଲା ଇରାନ

ତେଲ୍ ଆଭିଭ୍/ତେହେରାନ: ୨୭।୩(ନି.ପ୍ର.) ମଧ୍ୟପ୍ରାଚ଼୍ୟରେ ଜାରି ରହିଥିବା ଯୁଦ୍ଧ ଏକ ଅତି ଭୟଙ୍କର ରୂପ ଧାରଣ କରିଛି। ଶୁକ୍ରବାର ଇସ୍ରାଏଲର ପାରମାଣବିକ ଗବେଷଣା କେନ୍ଦ୍ର ପାଇଁ ଜଣାଶୁଣା ଡିମୋନା ସହର ନିକଟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିବା ସୂଚ଼ନା ମିଳିଛି। ଏହି ଘଟଣାର ପାଲଟା ଜବାବରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଇରାନ ମଧ୍ୟରେ ଥିବା ପ୍ରମୁଖ କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ୍ କରି ଜୋରଦାର ଆକ୍ରମଣ କରିଛି। ଇରାନର ନୌସେନା କମାଣ୍ଡର ଆଲିରେଜା ତଙ୍ଗସିରିଙ୍କ ମୃତ୍ୟୁ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ସିଧାସଳଖ ପାରମାଣବିକ ଓ ରଣନୈତିକ ପ୍ରତିଷ୍ଠାନଗୁଡ଼ିକ ଉପରକୁ ଆକ୍ରମଣ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ସମଗ୍ର ବିଶ୍ୱ ପାଇଁ ଚ଼ିନ୍ତାର ବିଷୟ ପାଲଟିଛି।



ଡିମୋନା ନିକଟରେ ହୋଇଥିବା ଏହି ବିସ୍ଫୋରଣ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ହୋଇଥିବା ସନ୍ଦେହ କରାଯାଉଛି। ଏହାର କିଛି ସମୟ ପରେ ଇସ୍ରାଏଲର ଯୁଦ୍ଧବିମାନଗୁଡ଼ିକ ଇରାନର ଆଭ୍ୟନ୍ତରୀଣ ସୀମାରେ ଥିବା କ୍ଷେପଣାସ୍ତ୍ର ଉତକ୍ଷେପଣ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଆକ୍ରମଣ ପାଇଁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ସମୟସୀମା ଘୁଞ୍ଚାଇଥିଲେ ହେଁ, କ୍ଷେତ୍ର ସ୍ତରରେ ଇସ୍ରାଏଲ ଓ ଇରାନ ମଧ୍ୟରେ ପ୍ରତ୍ୟକ୍ଷ ସଂଘର୍ଷ ଜାରି ରହିଛି। ସାମରିକ ବିଶେଷଜ୍ଞଙ୍କ ଅନୁଯାୟୀ, ଇସ୍ରାଏଲର ପାରମାଣବିକ କେନ୍ଦ୍ର ନିକଟରେ ବିସ୍ଫୋରଣ ହେବା ଏକ ବିପଦଜନକ ସଙ୍କେତ। ଏହା କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନରହି ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ ଯୁଦ୍ଧର ରୂପ ନେଇପାରେ।

ଏପଟେ କୂଟନୈତିକ ପ୍ରୟାସ ଜାରି ରହିଥିବା ବେଳେ, ପ୍ରାୟ ଅଢେଇ ହଜାର ନୌସେନାଙ୍କୁ ନେଇ ଆମେରିକୀୟ ଜାହାଜର ଏକ ଗୋଷ୍ଠୀ ଏହି ଅଞ୍ଚଳ ନିକଟରେ ପହଞ୍ଚିଛି। ଏହା ସହିତ, ଶତ୍ରୁ ଅଞ୍ଚଳରେ ଅବତରଣ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବଂ ବାୟୁସେନା ଘାଟି ଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ତାଲିମପ୍ରାପ୍ତ ୮୨ ତମ ଏୟାରବର୍ଣ୍ଣର ଅତି କମରେ ୧୦୦୦ ପାରାଟ୍ରୁପର ମାନଙ୍କୁ ମଧ୍ୟ ଏହି ଅଞ୍ଚଳକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନରେ ୧୯୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଇସ୍ରାଏଲରେ ୧୮ ଜଣଙ୍କ ମୃତ୍ୟୁ ହୋଇଛି, ଯେତେବେଳେ ଲେବାନନରେ ମଧ୍ୟ ଅତି କମରେ ୩ ଜଣ ଇସ୍ରାଏଲୀ ସୈନିକଙ୍କ ମୃତ୍ୟୁ ହୋଇଛି । ସେପଟେ ଯୁଦ୍ଧ ସମୟରେ ଅତି କମରେ ୧୩ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଛି। ଉପସାଗରୀୟ ଆରବ ଦେଶ ଗୁଡ଼ିକରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଅଧିକାରୀ ମାନେ ରିପୋର୍ଟ କରିଛନ୍ତି ଯେ ଲେବାନନରେ ୧୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

## ଘରକୁ ମାଡ଼ିଗଲା ରୁକୁଣା ରଥ

ଭୁବନେଶ୍ୱର ୨୭।୩(ନି.ପ୍ର.): ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବଡ ଅଘଟଣ ଦେଖିବାକୁ ମିଳିଛି। ରଥ ଟଣା ସମୟରେ ଜଣଙ୍କ ଘରକୁ ରଥ ମାଡି ଯାଇଛି। ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବଡ ଅଘଟଣ ଦେଖିବାକୁ ମିଳିଛି। ଆଜି ଦ୍ୱିତୀୟଦିନରେ ରଥଟଣା ଚ଼ାଲିଥିବା ସମୟରେ ରଥ ଜଣଙ୍କ ଘରକ ମାଡି ଯାଇଥିଲା। ଫଳରେ ଘରର ଝରକା ଓ ତାଜା ଭାଙ୍ଗିବାକୁ ପଡ଼ିଛି। ଗୋସାଗରେସ୍ୱର ମନ୍ଦିର ପୂର୍ବରୁ ଜଣଙ୍କ ଘରେ ରଥର ଦକ୍ଷିଣ ପାର୍ଶ୍ୱ ବା ଡାହାଣ ପାର୍ଶ୍ୱ ପଶି ଯାଇଥିଲା। ଫଳରେ ଭୋଇ ସେବାୟତ ମାନେ ରଥକୁ ପଛକୁ ଆଣିବାକୁ ଚେଷ୍ଟା କରୁଛନ୍ତି। ସେବାୟତ ମାନଙ୍କ ପ୍ରବଳ ପ୍ରଚେଷ୍ଟା ପରେ ମଧ୍ୟ କୌଣସି ଫଳ ମିଳିନାହିଁ। ୪୫ ମିନିଟରୁ ଊର୍ଦ୍ଧ ସମୟ ଧରି ରଥ ଉକ୍ତ ସ୍ଥାନରେ ଅଟକିଛି।

## ୧ ଯାଏଁ ବର୍ଷା, ବିଜୁଳି ସହ କୁଆପଥର ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭।୩(ନି.ପ୍ର.): ବର୍ଷା ଓ ପବନ ନେଇ ଦକ୍ଷିଣ ଓଡ଼ିଶାରୁ ଉପକୂଳ ଏବଂ ଉତ୍ତର ଓଡ଼ିଶା ପର୍ଯ୍ୟନ୍ତ ସତର୍କତା ଜାରି କରାଯାଇଛି । ଆଗାମୀ ୭ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ରାଜ୍ୟର ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୨୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା, ପବନ ଓ ବିଜୁଳି ଘଡ଼ଘଡ଼ି ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ଆକଳନ କରିଛି ।

ଆସନ୍ତାକାଲି, ୨୮ ତାରିଖ ପାଇଁ ମୟୁରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଏବଂ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ପୁର ୟେଲୋ ସତର୍କତା ସୂଚ଼ନା ଜାରି କରାଯାଇଛି । ସେହିପରି ୨୯ ଏବଂ ୩୦ ତାରିଖ ପାଇଁ ମାଲକାନଗିରି, କୋରାପୁଟ ଏବଂ ମୟୂରଭଞ୍ଜ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି । ଆଗାମୀ ୩୦ ଓ ୩୧ ତାରିଖ ପାଇଁ ୮ ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦୁଝର ଏବଂ ମୟୁରଭଞ୍ଜକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ସେହିପରି ମାର୍ଚ୍ଚ ୩୧ ଓ ଏପ୍ରିଲ ୧ ତାରିଖ ପାଇଁ ୧୭ ଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ୟେଲୋଆଲର୍ଟରେ ରହିଛି ।ଏହି ସମୟରେ ଘରୁ ପଦାକୁ ନ ବାହାରିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି । ବର୍ଷା ଓ ବିଜୁଳି ସମୟରେ କୌଣସି ଗଛ, ଟାୱାର କିମ୍ବା ଉଚ଼୍ଚ଼ ସ୍ଥାନରେ ନରହି ପକ୍କା ଘରେ ରହିବାକୁ ପାଣିପାଗ ବିଭାଗ ନିର୍ଦ୍ଦେଶ ପରାମର୍ଶ ଦେଇଛନ୍ତି ।

## ଗିରଫ ହେଲେ ଜଳସେଚ଼ନ ବିଭାଗ ଏସଡିଓ

ଭଞ୍ଜନଗର, ୨୭।୩(ନି.ପ୍ର.): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳସେଚ଼ନ ଡିଭିଜନର ଡହ ଜଳସେଚ଼ନ ସବ୍-ଡିଭିଜନର ଏସ୍‌ଡିଓ ପଞ୍ଚୁ ବେହେରାଙ୍କୁ ଆଜି ଗିରଫ କରି କୋର୍ଟ ଚ଼ାଲାଣ କରିଛି ଭିଜିଲାନ୍ସ। ଗତକାଲି ତାଙ୍କର ଭଞ୍ଜନଗର ସ୍ଥିତ ସରକାରୀ ବାସଭବନ ଓ ବ୍ରହ୍ମପୁର ସ୍ଥିତ ବାସଭବନ ସମେତ ମୋଟ ୫ଟି ସ୍ଥାନରେ ଚ଼ଢ଼ାଉ କରିଥିଲା ଭିଜିଲାନ୍ସ। ଚ଼ାଉ ବେଳେ ତାଙ୍କର ଯେଉଁ ସଂପତ୍ତି ଠାବ କରାଯାଇଛି, ତା'ର ପରିମାଣ ତାଙ୍କ ଆୟଠାରୁ ୩୩୪% ଅଧିକ। ଚ଼ଢ଼ାଉ ବେଳେ ଏସ୍‌ଡିଓ ଶ୍ରୀ ବେହେରାଙ୍କ ବ୍ରହ୍ମପୁର ସ୍ଥିତ ବାସଭବନରୁ ନଗଦ ୧୫ ଲକ୍ଷ ୧୩ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ଭଞ୍ଜନଗର ସ୍ଥିତ ତାଙ୍କ ସରକାରୀ ବାସଭବନରୁ ୩ ଲକ୍ଷ ୭୨ ହଜାର ୮୦୦ ଟଙ୍କା ଜବତ କରାଯାଇଛି। ଏହିପରି ମୋଟ ୧୮ ଲକ୍ଷ ୯୦ ହଜାର ୮୦୦ ଟଙ୍କାର ନଗଦ ଜବତ କରାଯାଇଛି। ଗିରଫ ହେଲେ ଭଞ୍ଜନଗର ଡହ ଜଳସେଚ଼ନ ବିଭାଗ ଏସଡିଓ ପଞ୍ଚୁ ବେହେରା। ଗତକାଲି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୫ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚ଼ଢାଉ କରାଯାଉଥିଲା।

## ଡାହୁକ



ନିଜ ଢୋଲ ନିଯେ ବୁଟି ସରକାର
ବହସ୍ପଟ ମାରି ଦେଇଁଚି
ନିଜ ମୁଣ୍ଡ ଅଠା ଆ,ତା ମୁଣ୍ଡରେ
ବୋଲି ଦୋଷଛଡା ହେଉଚି
ଅଜଣା ଡଉକେ ଭାତ ଖାଇ ସିନା
ମୁହଁ ପୋଛି ଦେଇ ରହୁଚି
ଢିକାରରେ ଖାଲି ଅପାରଗ ଗନ୍ଧ
ଇମେଜକୁ ପୋଡି ଖାଉଚି

-ବିଧୁ

## ବାବାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

### ନିଶା ବଟିକା ଖୁଆଇ ଯୁବତୀଙ୍କୁ କରିଥିଲେ ଦୁଷ୍କର୍ମ

ରେଢାଖୋଲ, ୨୭।୩(ନି.ପ୍ର.): ନିଶା ଔଷଧ ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ରେଢ଼ାଖୋଲ ଥାନା ବୈଷ୍ଣବଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହାଲ୍ଲାଙ୍କୁ ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ୨୦ ବର୍ଷ ସଶ୍ରମ କାରାଦାଣ୍ଡାଦେଶ ଦେଇଛନ୍ତି। ଏହା ସହିତ ତାଙ୍କ ଉପରେ ୧୦ ହଜାର ଟଙ୍କାର ଜୋରିମାନା ପକାଇଛନ୍ତି। ଜୋରିମାନା ଦେଇ ନପାରିଲେ ତାଙ୍କୁ ଆଉ ଗୋଟିଏ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପୀଡିତାଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଏହି ଘଟଣା ଘଟିଥିଲା ୨୦୨୪ ମସିହା ଡିସେମ୍ବର ମାସ ୫




ତାରିଖରେ। ଯୁବତୀ ଜଣଙ୍କ ଅସୁସ୍ଥ ଥିଲେ। ତେଣୁ ସେ ବୈଷ୍ଣବଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହାଲ୍ଲାଙ୍କ ନିକଟକୁ ଯାଇଥିଲେ। ବାବା ତାଙ୍କୁ କିଛି ଚେରମୂଳି ଔଷଧ ସହିତ ୪ଟି ନିଶା ବଟିକା ଖାଇବାକୁ ଦେଇଥିଲେ।

ଯୁବତୀ ଜଣଙ୍କ ନିଶା ବଟିକା ଖାଇବା ପରେ ଅଚେତ ହୋଇଯାଇଥିଲେ। ତା'ପରେ ବାବା ତାଙ୍କୁ ଦୁଷ୍କର୍ମ କରିଥିଲେ। ସେଠାରୁ ଫେରିବା ପରେ ଯୁବତୀ ଜଣଙ୍କ ଅସୁସ୍ଥ ଅନୁଭବ କରିଥିଲେ ଓ ତାଙ୍କୁ ଦୁଷ୍କର୍ମ କରାଯାଇଥିବା ଜାଣିପାରିଥିଲେ।୨୦୨୪ ଡିସେମ୍ବର ୬ ତାରିଖରେ ଯୁବତୀ ଜଣଙ୍କ ରୋଖୋଲ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ବାବାଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲା। ପରବର୍ତ୍ତୀ ସମୟରେ ରୋଖୋଲ ଅତିରିକ୍ତ ଜିଲ୍ଲା ଓ ରୈାଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ଏହି ଶୁଣାଣି ବେଳେ ୨୧ ଜଣ ସାକ୍ଷୀଙ୍କ ବୟାନ ତଥା ଅନ୍ୟାନ୍ୟ ତଥ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତ ବାବା ପ୍ରଫୁଲ୍ଲ ମହାଲ୍ଲାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି।

## ବାଲେନ୍ ଶାହ ନେପାଳର ନୂଆ ପ୍ରଧାନମନ୍ତ୍ରୀ

କାଠମାଣ୍ଡୁ୨୭।୩(ନି.ପ୍ର.): ନେପାଳ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆସିଛି। ନ୍ୟାସନାଲ ଇଣ୍ଡିପେଣ୍ଡେଣ୍ଟ ପାର୍ଟି ନେତା ବାଲେନ ଶାହ ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ସେ ନେପାଳର ୪୭ତମ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ରାଷ୍ଟ୍ରପତି ରାମଚ଼ନ୍ଦ୍ର ପୌଡେଲ ସମ୍ବିଧାନର ଧାରା ୭୬(୧) ଅନୁଯାୟୀ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିଲେ। ଆଜି ରାମନବମୀ ଅବସରରେ କାଠମାଣ୍ଡୁରେ ଏକ ମହା ସମାରୋହରେ ବାଲେନ ଶାହ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ସ୍ଥାନୀୟ ସମୟ ସାଢେ ୧୨ଟା ରେ କାଠମାଣ୍ଡୁର ରାଷ୍ଟ୍ରପତି ଭବନ "ଶୀତଳ ନିବାସ" ରେ ତାଙ୍କୁ ଶପଥ ଗ୍ରହଣ କରାଯାଇଥିଲା।



ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶପଥ ଗ୍ରହଣ ସମାରୋହ ହିନ୍ଦୁ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ସାତ ଜଣ ଶଙ୍ଖଧାରୀ ଶଙ୍ଖ ଫୁଙ୍କି ସମାରୋହର ଆରମ୍ଭ କରିଥିଲେ। ଯାହାକୁ ଶୁଭ ଏବଂ ସୌଭାଗ୍ୟର ପ୍ରତୀକ ଭାବରେ ବିବେଚ଼ନା କରାଯାଏ। ଶପଥ ଗ୍ରହଣ ଉତ୍ସବ ପର ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ଯେତେବେଳେ ସେ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ଆଲିଙ୍ଗନ କରିଥିଲେ। ସେପଟେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ବାଲେନ୍ଦ୍ର ଶାହଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ମୋଦୀ ଲେଖିଛନ୍ତି, "ନେପାଳର ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପାଇଁ ବାଲେନ୍ଦ୍ର ଶାହଙ୍କୁ ଅନେକ ଅନେକ ଅଭିନନ୍ଦନ। ଆପଣଙ୍କ ନିଯୁକ୍ତି ନେପାଳର ଲୋକମାନେ ଆପଣଙ୍କ ନେତୃତ୍ୱ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାହା ପ୍ରତିଫଳିତ କରେ। ଆମ ଦୁଇ ଦେଶର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ଭାରତ-ନେପାଳ ବନ୍ଧୁତା ଏବଂ ସହଯୋଗକୁ ଆହୁରି ଉଚ଼୍ଚ଼ତାକୁ ନେବା ପାଇଁ ଆପଣଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ମୁଁ ଅପେକ୍ଷା କରିଛି।"